# ଖ୍ରୀଷ୍ଟୀୟ ବିଶ୍ୱାସସମୂହ

## ପରୀକ୍ଷା ପ୍ରଶ୍ନଗୁଡ଼ିକର ଉତ୍ତର

shepherds
GLOBAL CLASSROOM

# ପାଠ-୧

## ଈଶ୍ୱରଙ୍କର ପୁସ୍ତକ

(୧) ସାଧାରଣ ପ୍ରକାଶନ କ'ଣ?

ସାଧାରଣ ପ୍ରକାଶନ କହିଲେ ଈଶ୍ୱର ଆପଣା ସୃଷ୍ଟି ମାଧ୍ୟମରେ ଆପଣା ବିଷୟରେ ଆମକୁ ଯାହା ଦେଖାଇଅଛନ୍ତି ।

(୨) ଈଶ୍ୱର କେଉଁ ଦୁଇଟି ମାଧ୍ୟମରେ ସ୍ୱତନ୍ତ୍ର ପ୍ରକାଶନ ଦେଇଛନ୍ତି?

- ଈଶ୍ୱର ନିଶ୍ୱସିତ ଧର୍ମଶାସ୍ତ୍ର
- ତାହାଙ୍କ ପୁତ୍ର ଯୀଶୁଙ୍କ ମାଧ୍ୟମରେ

(୩) ସ୍ୱତନ୍ତ୍ର ପ୍ରକାଶନ କେଉଁ ତିନୋଟି ବିଷୟ କରେ ଯାହା ସାଧାରଣ ପ୍ରକାଶନ କରିପାରିବ ନାହିଁ?

- ଏହା ଈଶ୍ୱରଙ୍କ ବର୍ଣ୍ଣନା କରେ ।
- ଏହା ମନୁଷ୍ୟର ପତନ ଓ ପାପକୁ ବର୍ଣ୍ଣନା କରେ
- ଏହା ଈଶ୍ୱରଙ୍କ ସହିତ ପୁନର୍ମିଳିତ ହେବାର ପଥ ଦେଖାଏ

(୪) ବାଇବଲ ନିଜ ବିଷୟରେ କ'ଣ ଦାବି କରେ?

ଏହା ଈଶ୍ୱରଙ୍କ ବାକ୍ୟ ଅଟେ ।

(୫) ବାଇବଲ ଯେ ଈଶ୍ୱରଙ୍କ ବାକ୍ୟ ଅଟେ ଏହାର ଛ'ଟି କାରଣ ତାଲିକାଭୁକ୍ତ କର ।

- ହଜାର ହଜାର ବାଇବଲ ତଥ୍ୟ ସୁନିଶ୍ଚିତ ହୋଇଛି ।
- ବାଇବଲର କୌଣସି ବକ୍ତବ୍ୟ ମିଥ୍ୟା ବୋଲି ପ୍ରମାଣିତ ହୋଇ ନାହିଁ ।
- ବାଇବଲ ନିଜର ବିରୋଧ କରେ ନାହିଁ ।
- ସୁସମାଚାର ଏହାର ପ୍ରଭାବ ଦ୍ୱାରା ପ୍ରମାଣିତ ହୁଏ ।
- ଈଶ୍ୱରଙ୍କ ଆତ୍ମା ବାଇବଲ ମାଧ୍ୟମରେ କଥା କହନ୍ତି ।
- ଈଶ୍ୱରଙ୍କ ସହ ଆମର ସମ୍ପର୍କକୁ ବାଇବଲ ମାର୍ଗଦର୍ଶନ କରେ ।

(୬) ବାଇବଲ କାହିଁକି ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପଯୋଗୀ? (୨ତୀମଥି ୩:୧୬)

କାରଣ ଏହା ଈଶ୍ୱରଙ୍କ ଦ୍ୱାରା ଅନୁପ୍ରାଣିତ ।

(୭) ଧର୍ମଶାସ୍ତ୍ରର ଅନୁପ୍ରେରଣା ସମ୍ବନ୍ଧରେ ବାଇବଲ କ'ଣ ବର୍ଣ୍ଣନା କରେ ଯାହା ନିଶ୍ଚିତ କରେ ଯେ ଲେଖକମାନେ ଭୁଲ କରି ପାରି ନ ଥିଲେ?

ଈଶ୍ୱର ପ୍ରେରିତ ମନୁଷ୍ୟମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଥିଲେ (୨ପିତର ୧:୨୧) ।

(୮) ଈଶ୍ୱର ବ୍ୟବହାର କରିଥିବା ଅନୁପ୍ରେରଣାର ଚାରୋଟି ପଦ୍ଧତି ତାଲିକାଭୁକ୍ତ କର ।

- ଶ୍ରାବ୍ୟ ସ୍ୱର
- ସ୍ୱପ୍ନ
- ଦର୍ଶନ
- ଶ୍ରୁତି ଲିଖନ

(୯) ବାଇବଲ ଈଶ୍ୱର-ନିଶ୍ୱସିତ ବା ଅନୁପ୍ରାଣିତ, ଏହାର ଅର୍ଥ କ'ଣ?

ଏହା ସମ୍ପୂର୍ଣ୍ଣରୂପେ ଈଶ୍ୱରଙ୍କ ବାକ୍ୟ, ଏପରିକି ବ୍ୟବହୃତ ଶବ୍ଦାବଳୀ ମଧ୍ୟ ।

(୧୦) ବାଇବଲ ଅଖଣ୍ଡନୀୟ, ଏହାର ଅର୍ଥ କ'ଣ?

- ଏହା ବିଫଳ ହୋଇ ନ ପାରେ ।
- ଏହା ନିର୍ଭରଯୋଗ୍ୟ ।
- ଏହା କେବେ ବି ଆମକୁ ବିପଥଗାମୀ କରିବ ନାହିଁ ।

(୧୧) ବାଇବଲ ଅଭ୍ରାନ୍ତ, ଏହାର ଅର୍ଥ କ'ଣ?

ବାଇବଲର ପ୍ରତ୍ୟେକ ବକ୍ତବ୍ୟ ଠିକ୍ ଅଟେ ।

## ପାଠ-୨

# ଈଶ୍ୱରଙ୍କ ଗୁଣସମୂହ

(୧) ଜଣେ ବ୍ୟକ୍ତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ କ'ଣ?

ଈଶ୍ୱରଙ୍କ ସମ୍ବନ୍ଧରେ ତା'ର ଧାରଣା ।

(୨) ଧର୍ମଶାସ୍ତ୍ରର ପ୍ରଥମ ଶିକ୍ଷା କ'ଣ?

ଯାହା କିଛି ଅଛି ଈଶ୍ୱର ସେସବୁର ସୃଷ୍ଟିକର୍ତ୍ତା ।

(୩) ପ୍ରତ୍ୟେକ ବର୍ଣ୍ଣନା ସହିତ ମେଳ ଖାଉଥିବା ଈଶ୍ୱରଙ୍କ ଗୁଣ ଲେଖ:

- ଈଶ୍ୱର କିପରି ଦେଖାଯାଆନ୍ତି ତାହା ଆମେ ବର୍ଣ୍ଣନା କରି ନ ପାରୁ: ଆତ୍ମା
- ଈଶ୍ୱର ସର୍ବଦା ବିଦ୍ୟମାନ ଅଛନ୍ତି: ଅନାଦି ଅନନ୍ତ
- ଈଶ୍ୱରଙ୍କର ବୁଦ୍ଧି, ଆବେଗ ଏବଂ ଇଚ୍ଛା ଅଛି: ବ୍ୟକ୍ତିଗତ
- ଈଶ୍ୱର ସର୍ବଦା ସମାନ ଅଟନ୍ତି: ଅପରିବର୍ତ୍ତନୀୟ
- ଈଶ୍ୱର ଯାହା ଚାହିଁବେ ତାହା କରିପାରିବେ: ସର୍ବଶକ୍ତିମାନ
- ଈଶ୍ୱର ସବୁକିଛି ଦେଖନ୍ତି: ସର୍ବବ୍ୟାପୀ
- ଈଶ୍ୱର ଆପଣା ପୁତ୍ରଙ୍କୁ ପ୍ରେରଣ କଲେ ଯେପରି ଆମେ ଦୟା ପାଇପାରିବା: ପ୍ରେମ
- ଈଶ୍ୱର ତାହାଙ୍କ ସ୍ୱଭାବରେ ତିନିବ୍ୟକ୍ତି ବିଶିଷ୍ଟ: ତ୍ରି-ଏକ
- ଈଶ୍ୱର ନୈତିକ ଭାବରେ ସମ୍ପୂର୍ଣ୍ଣ ସିଦ୍ଧ ଅଟନ୍ତି: ପବିତ୍ର
- ଈଶ୍ୱର କଦାପି କିଛି ଶିଖନ୍ତି ନାହିଁ: ସର୍ବଜ୍ଞ
- ଈଶ୍ୱରଙ୍କ କାର୍ଯ୍ୟଗୁଡ଼ିକ ଯଥାର୍ଥ ଓ ନ୍ୟାୟପୂର୍ଣ୍ଣ: ଧାର୍ମିକ

# ପାଠ-୩

# ତ୍ରିତ୍ୱ

(୧) ବିଶ୍ୱ କିପରି ଈଶ୍ୱରଙ୍କ ସ୍ୱଭାବର ଏକ ଉଦାହରଣ ଅଟେ?

ବିଶ୍ୱର ତିନୋଟି ବିଷୟ ଅଛି - ସ୍ଥାନ, ସମୟ ଓ ବସ୍ତୁ

(୨) କେଉଁ ତିନୋଟି ବାଇବଲ ସ୍ୱୀକାର୍ଯ୍ୟ ତ୍ରିତ୍ୱତତ୍ତ୍ୱର ମୂଳଦୁଆ?

୧. କେବଳ ଏକମାତ୍ର ଈଶ୍ୱର ଅଛନ୍ତି ।

୨. ପିତା, ପୁତ୍ର ଓ ପବିତ୍ର ଆତ୍ମା ସମସ୍ତେ ଈଶ୍ୱର ଅଟନ୍ତି ।

୩. ଏହି ତିନି ଜଣ ଭିନ୍ନ ବ୍ୟକ୍ତି ଭାବରେ ପରସ୍ପର ସହିତ ସମ୍ପର୍କରେ ରହନ୍ତି ।

(୩) ତ୍ରିଏକ ଈଶ୍ୱରଙ୍କ ମଧ୍ୟରେ ଥିବା ସମ୍ପର୍କର ସଂରଚନା କ'ଣ?

ପିତା ହେଉଛନ୍ତି ମୁଖ୍ୟ, ତା' ପରେ ପୁତ୍ର, ତା' ପରେ ଆତ୍ମା ।

(୪) ପରିବାର ବା ମଣ୍ଡଳୀ ସଂରଚନା ସହିତ ତ୍ରିତ୍ୱର ସଂରଚନା କିପରି ତୁଳନା କରାଯାଏ?

ତ୍ରିତ୍ୱର ସଦସ୍ୟଙ୍କ ପରି ଗୋଟିଏ ପରିବାର ବା ମଣ୍ଡଳୀର ସଦସ୍ୟଙ୍କର ସମାନ ମୂଲ୍ୟ ରହିଛି, କିନ୍ତୁ ସମସ୍ତଙ୍କର ସମାନ ଅଧିକାର ନ ଥାଏ ।

(୫) ତ୍ରି-ଏକ ଈଶ୍ୱରଙ୍କ ଉପାସକ ଭାବରେ କାହାକୁ ଆମେ ପ୍ରାର୍ଥନା କରିବା ଉଚିତ?

- ପିତାଙ୍କ ନିକଟରେ, ଆତ୍ମାରେ, ପୁତ୍ରଙ୍କ ମାଧ୍ୟମରେ
- ପିତା, ପୁତ୍ର ଏବଂ ଆତ୍ମାଙ୍କୁ

(୬) ତ୍ରିତ୍ୱ ସମ୍ବନ୍ଧୀୟ ତିନୋଟି ଭୁଲ ମତବାଦ କ'ଣ?

- ଈଶ୍ୱର ପ୍ରକୃତରେ ଜଣେ ବ୍ୟକ୍ତି ଯିଏ କି ବିଭିନ୍ନ ଭୂମିକା ଗ୍ରହଣ କରିଛନ୍ତି ।
- ପିତା, ପୁତ୍ର, ଓ ପବିତ୍ର ଆତ୍ମା ଅଲଗା ସ୍ୱର୍ଗୀୟ ପ୍ରାଣୀ ଅଟନ୍ତି ।
- ତ୍ରି-ଏକ ଈଶ୍ୱରଙ୍କ ମଧ୍ୟରେ ପ୍ରତ୍ୟେକ ବ୍ୟକ୍ତି ଅନ୍ୟଠାରୁ ନିମ୍ନତର ।

# ପାଠ-୪

# ମନୁଷ୍ୟଜାତି

(୧) ଆଦିପୁସ୍ତକ ୧:୨୬-୨୭ ଅନୁଯାୟୀ ଅବଶିଷ୍ଟ ସୃଷ୍ଟିରୁ ମନୁଷ୍ୟମାନେ କିପରି ଅନନ୍ୟ ଅଟନ୍ତି?

ସେମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟ ।

(୨) ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ଅର୍ଥ ଯେ ଶାରୀରିକ ସାଦୃଶ୍ୟ ନୁହେଁ, ଆମେ ଜାଣିଥିବା ତିନୋଟି କାରଣ ଲେଖ ।

- ଈଶ୍ୱର ଏକ ଆତ୍ମା ।
- ଜଣେ ବ୍ୟକ୍ତି ଭଳି ଦେଖାଯାଉଥିବା ଈଶ୍ୱରଙ୍କ ମୂର୍ତ୍ତିକୁ ତିଆରି କରିବା ପ୍ରତିମାପୂଜା ଅଟେ ।
- ପୃଥିବୀରେ ଜୀବନ ଯାପନ କରିବା ପାଇଁ ମନୁଷ୍ୟମାନଙ୍କୁ ଶାରୀରିକ ଭାବରେ ପରିକଳ୍ପନା କରାଯାଇଛି ।

(୩) ମନୁଷ୍ୟଜାତିକୁ ଦିଆଯାଇଥିବା ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ସାତୋଟି ଉପାଦାନ କ'ଣ ଲେଖ (ଯେ କୌଣସି ସାତୋଟି)

- ସୃଜନଶୀଳ ପ୍ରବୃତ୍ତି
- ଚିନ୍ତା କରିବାର କ୍ଷମତା
- ଯୋଗାଯୋଗ କରିବାର କ୍ଷମତା
- ସାମାଜିକ ସ୍ୱଭାବ
- ନୈତିକ ବୋଧ
- ପସନ୍ଦ କରିବାର କ୍ଷମତା
- ଅମରତା
- ପ୍ରେମ କରିବାର କ୍ଷମତା
- ପୂଜା ଉପାସନା କରିବାର କ୍ଷମତା

(୪) କେଉଁ ଦୁଇଟି କାରଣ ପାଇଁ ଆମେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟ ହୋଇଛୁ?

- ଈଶ୍ୱରଙ୍କ ସହିତ ସମ୍ପର୍କରେ ରହିବା
- ଈଶ୍ୱରଙ୍କର ପୂଜା ଉପାସନା କରିବା

(୫) ନୈତିକ ବୋଧରୁ କେଉଁ ଦକ୍ଷତା ଆସେ?

ଠିକ୍ ଓ ଭୁଲ ଧାରଣାକୁ ବୁଝିବାର କ୍ଷମତା ।

(୬) ପ୍ରକୃତ ପସନ୍ଦ କରିବାର କ୍ଷମତା ଥିବା ଲୋକମାନଙ୍କର ମହତ୍ତ୍ୱ କ'ଣ? (ଯେ କୌଣସି ଗୋଟିଏ)

- ଆମେ ଈଶ୍ୱରଙ୍କ ନିକଟରେ ଉତ୍ତରଦାୟୀ ଅଟୁ ।
- ଆମେ ମନପରିବର୍ତ୍ତନ କରିପାରୁ ଓ ସୁସମାଚାରରେ ବିଶ୍ୱାସ କରିପାରୁ ।

# ପାଠ-୫

# ପାପ

(୧) ଆମେ ପାପକୁ ବୁଝିବା କାହିଁକି ଅତ୍ୟାବଶ୍ୟକ ଏହାର ତିନୋଟି କାରଣ ଲେଖ

- ଜଗତର ଅବସ୍ଥାକୁ ବୁଝିବା ପାଇଁ
- ଅନୁଗ୍ରହ ଓ ପରିତ୍ରାଣକୁ ବୁଝିବା ପାଇଁ
- ପବିତ୍ରତାକୁ ବୁଝିବା ପାଇଁ

(୨) ଆମେ କିପରି ଜାଣୁ ଯେ ପାପରେ ଈଶ୍ୱରଙ୍କର କୌଣସି ତ୍ରୁଟି ନାହିଁ?

କାରଣ ଈଶ୍ୱରଙ୍କ ସୃଷ୍ଟି ସିଦ୍ଧ ଥିଲା, ତ୍ରୁଟିଶୂନ୍ୟ ଥିଲା ।

(୩) ନିମ୍ନୋକ୍ତ ପ୍ରତ୍ୟେକଟିର ଗୋଟିଏ ବାକ୍ୟରେ ସଂଜ୍ଞାଦିଅ: ଇଚ୍ଛାକୃତ ପାପ, ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥା, ଅନଭିପ୍ରେତ ଉଲ୍ଲଘଂନ ।

- ଇଚ୍ଛାକୃତ ପାପ ହେଉଛି ଈଶ୍ୱରଙ୍କ ଜ୍ଞାତ ଇଚ୍ଛାର ଉଦ୍ଦେଶ୍ୟମୂଳକ ଉଲ୍ଲଘଂନ ।
- ଉତ୍ତରାଧିକାର  ସୂତ୍ରରେ ପାଇଥିବା ପତିତାବସ୍ଥା ହେଉଛି ମନୁଷ୍ୟର ନୈତିକ ସ୍ୱଭାବରେ ଥିବା ଭ୍ରଷ୍ଟତା ଯାହା ତାକୁ ଜନ୍ମରୁ ପାପ ଆଡ଼କୁ ଆକର୍ଷିତ କରିଥାଏ ।
- ବେଳେବେଳେ ଜଣେ ବ୍ୟକ୍ତି ଆକସ୍ମିକ ଭାବରେ ବା ଅଜ୍ଞାତରେ ବା ଅନଭିପ୍ରେତ ଭାବରେ ଈଶ୍ୱରଙ୍କ ବାକ୍ୟ ଉଲ୍ଲଘଂନ କରେ । ଏହାକୁ ଅନଭିପ୍ରେତ ଉଲ୍ଲଙ୍ଘନ କୁହାଯାଏ ।

(୪) ଆମେ କାହିଁକି ଈଶ୍ୱରଙ୍କ ଇଚ୍ଛାକୁ ଅଧିକ ଉତ୍ତମରୂପେ ବୁଝିବା ଓ ପାଳନ କରିବା?

- ଈଶ୍ୱରଙ୍କୁ ଅସନ୍ତୁଷ୍ଟ କଲାଭଳି କିଛି କରିବାକୁ ଆମେ ଚାହିଁ ନ ଥାଉ ।
- ଅନଭିପ୍ରେତ ହୋଇଥିଲେ ମଧ୍ୟ ଭୁଲ କାର୍ଯ୍ୟର କୁପରିଣାମ ରହିଛି ।
- ଆମେ ଖ୍ରୀଷ୍ଟିୟାନ ଭାବରେ ଉତ୍ତମ ଉଦାହରଣ ହେବା ଆବଶ୍ୟକ ।
- ଆମେ ଯଦି ଈଶ୍ୱରଙ୍କ ଇଚ୍ଛାକୁ ଏଡାଇବାକୁ ଚେଷ୍ଟା କରିବା ଆମେ ଉଦ୍ଦେଶ୍ୟମୂଳକ ପାପରେ ଦୋଷୀ ।

## ପାଠ-୬

# ଆତ୍ମିକ ପ୍ରାଣୀଗଣ

(୧) ଆମେ କିପରି ଜାଣୁ ଯେ ଦୂତମାନଙ୍କର ସାଧାରଣତଃ ପ୍ରାକୃତିକ ଶରୀର ନ ଥାଏ?

ସ୍ୱର୍ଗଦୂତମାନେ ଆତ୍ମିକ ପ୍ରାଣୀଗଣ ।

(୨) ଦୂତମାନେ କେବେ ସୃଷ୍ଟ ହୋଇଥିଲେ?

ପୃଥିବୀର ସୃଷ୍ଟି ପୂର୍ବରୁ ସୃଷ୍ଟ ହୋଇଥିଲେ ।

(୩) ଦୂତମାନେ ମରନ୍ତି କି?

ସେମାନେ ଅମର, କେବେ ମରନ୍ତି ନାହିଁ ।

(୪) ଦୂତମାନଙ୍କର ଯେ ବ୍ୟକ୍ତିତ୍ୱ ଅଛି ଏହାର ସପକ୍ଷରେ ଚାରୋଟି ବିଷୟ ଉଲ୍ଲେଖ କର ।

- ସେମାନେ କଥା କହିପାରନ୍ତି ଓ ବାର୍ତ୍ତାଳାପ କରିପାରନ୍ତି ।
- ସେମାନେ ଈଶ୍ୱରଙ୍କର ଉପାସନା କରନ୍ତି ।
- ସେମାନଙ୍କର ଆବେଗ ରହିଛି ।
- ସେମାନଙ୍କର ବୌଦ୍ଧିକ କ୍ଷମତା ରହିଛି ।

(୫) ଦୂତମାନଙ୍କୁ ସୂଚାଇବା ପାଇଁ ବାଇବଲରେ ବ୍ୟବହୃତ ଚାରୋଟି ଶବ୍ଦ ଲେଖ ।

- କିରୁବ
- ପ୍ରଧାନ ଦୂତ
- ସରାଫ
- ଆତ୍ମାଗଣ

(୬) ଈଶ୍ୱରଙ୍କ ସେବା କରୁଥିବା ଲୋକମାନଙ୍କ ପାଇଁ ଦୂତମାନେ କ'ଣ କରନ୍ତି?

ସୁରକ୍ଷା ଦେବା ପାଇଁ ସେମାନଙ୍କ ଚତୁର୍ଦ୍ଦିଗରେ ଥାଆନ୍ତି ।

(୭) ମନ୍ଦାତ୍ମାମାନେ କିପରି ଉତ୍ପନ୍ନ ହେଲେ?

ସେମାନେ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହୀ ହୋଇଥିବା ଦୂତଗଣ ।

(୮) ଜଣେ ପ୍ରତିମାପୂଜକ ପ୍ରକୃତରେ କ'ଣ ବା କାହାକୁ ପୂଜା କରେ?

ଭୂତମାନଙ୍କୁ/ ମନ୍ଦାତ୍ମାମାନଙ୍କୁ ।

(୯) ଶୟତାନ ଓ ଅନ୍ୟ ମନ୍ଦାତ୍ମାମାନଙ୍କର ଅନ୍ତିମ ଭାଗ୍ୟ କ'ଣ?

ଅଗ୍ନିମୟ ହ୍ରଦ ।

(୧୦) ଆତ୍ମିକ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ବିଶ୍ୱାସୀମାନେ କ'ଣ କରିବା ଉଚିତ?

ଆତ୍ମିକ ଅସ୍ତ୍ରଶସ୍ତ୍ରରେ, ସଜ୍ଜାରେ ସଜ୍ଜିତ ହେବାକୁ ହେବ (ଏଫିସୀୟ ୬:୧୩) ।

# ପାଠ-୭

## ଖ୍ରୀଷ୍ଟ

(୧) ମଶିହଙ୍କ ପ୍ରାଥମିକତା କ'ଣ ଥିଲା?

ତାଙ୍କର ଲୋକମାନଙ୍କୁ ପାପରୁ ଉଦ୍ଧାର କରିବା ।

(୨) "ଯୀଶୁ ପ୍ରଭୁ ଅଟନ୍ତି" ଏହା କହିବା ଦ୍ୱାରା ଆଦ୍ୟ ମଣ୍ଡଳୀ କେଉଁ ଅର୍ଥ ପ୍ରକାଶ କରୁଥିଲେ?

ସେ ସମସ୍ତଙ୍କର ପ୍ରଭୁ, ବିଶ୍ୱର ସୃଷ୍ଟିକର୍ତ୍ତା ଓ ଈଶ୍ୱର ଅଟନ୍ତି ।

(୩) ଯୀଶୁ କିପରି ଅନନ୍ୟ ଭାବରେ ଈଶ୍ୱରଙ୍କ ପୁତ୍ର ଅଟନ୍ତି?

ସେ ଏକମାତ୍ର ବ୍ୟକ୍ତି ଅଟନ୍ତି ଯେ କି ପିତାଙ୍କର ସ୍ୱଭାବ ସମ୍ପୂର୍ଣ୍ଣ ଭାବରେ ଧାରଣ କରନ୍ତି ।

(୪) ଈଶ୍ୱରଙ୍କ ମାନବାବତାର କ'ଣ?

ଈଶ୍ୱର ରକ୍ତମାଂସଯୁକ୍ତ ଶରୀର ଧାରଣ କରି ମନୁଷ୍ୟ ଭାବରେ ଜନ୍ମଗ୍ରହଣ କରିବା ।

(୫) ଯୀଶୁ ଯେ ମନୁଷ୍ୟ ହେବା ଜରୁରୀ ଥିଲା, ଏହାର ତିନୋଟି କାରଣ ଲେଖ ।

- ସେ ନିଜକୁ ବଳିଦେଇ ଦୁଃଖଭୋଗ ଓ ମୃତ୍ୟୁଭୋଗ କରିପାରନ୍ତି ।
- ତାଙ୍କର ଧାର୍ମିକତା ଆମକୁ ଧାର୍ମିକ କରିପାରେ ଓ ଆମକୁ ଜୀବନ ଦେଇପାରେ ।
- ସେ ଆମର ଯାଜକ ହୋଇ ଆମକୁ ଈଶ୍ୱରଙ୍କ ନିକଟରେ ତୋଳି ଧରି ପାରନ୍ତି ।

(୬) ଯୀଶୁ ଯେ ଈଶ୍ୱର ଅଟନ୍ତି ଏହା ଆମେ ଜାଣିବା ଜରୁରୀ ଅଟେ, ଏହାର ତିନୋଟି କାରଣ ଲେଖ ।

- ତାହାଙ୍କ ବଳିଦାନକାରୀ ମୃତ୍ୟୁର ଅସୀମ ମୂଲ୍ୟ ରହିଛି ।
- ଆମକୁ ପରିତ୍ରାଣ କରିବା ପାଇଁ ତାଙ୍କର ଶକ୍ତି ଅଛି ।
- ଆମେ ପିତାଙ୍କର ଯେପରି ଉପାସନା କରୁ ତାଙ୍କର ବି ଉପାସନା କରିବାକୁ ହେବ ।

(୭) ବଳିଦାନ ଅତ୍ୟାବଶ୍ୟକ ଥିଲା, ଏହାର ଦୁଇଟି କାରଣ ଲେଖ ।

- ଯେପରି କି ଈଶ୍ୱର ଆମକୁ କ୍ଷମା ଦେଇପାରିବେ, ତଥାପି ନ୍ୟାୟବାନ ଓ ପବିତ୍ର ହୋଇପାରିବେ ।
- ପାପ ଯେ ଏକ ଅତି ଗମ୍ଭୀର ବିଷୟ ଏହା ସୂଚିତ କରିବ ।

(୮) ଯୀଶୁ ଅନ୍ୟ ଉପାୟରେ ନ ମରି କ୍ରୁଶରେ କାହିଁକି ମୃତ୍ୟୁଭୋଗ କଲେ?

ଏହା ଦ୍ୱାରା ସେ ଆମମାନଙ୍କ ନିମନ୍ତେ ଈଶ୍ୱରଙ୍କ ଅଭିଶାପ ନିଜ ଉପରକୁ ନେଲେ ।

(୯) ଯୀଶୁଙ୍କର ଶାରୀରିକ ପୁନରୁତ୍ଥାନ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା, ଏହାର ତିନୋଟି କାରଣ ଲେଖ ।

- ଏହା ପ୍ରମାଣିତ କଲା ଯେ ପାପ ଓ ମୃତ୍ୟୁ ଉପରେ ସେ ସମ୍ପୂର୍ଣ୍ଣ ବିଜୟ ପ୍ରାପ୍ତ ହେଲେ
- ଏହା ପ୍ରମାଣିତ କଲା ଯେ ସେ ଆପଣା ବିଷୟରେ ଯାହା ଦାବି କରିଥିଲେ ସେ ତାହାହିଁ ଅଟନ୍ତି ।
- ଏହା ଆମକୁ ଭରସାଯୁକ୍ତ କରେ ଯେ ଆମେ ମଧ୍ୟ ମୃତ୍ୟୁରୁ ପୁନରୁତ୍ଥିତ ହେବା ।

# ପାଠ-୮

# ପରିତ୍ରାଣ

(୧) କ୍ରୁଶ କାହିଁକି ଅନେକଙ୍କ ନିମନ୍ତେ ବିଘ୍ନସ୍ୱରୂପ?

କ୍ରୁଶର ଅର୍ଥ ସେମାନେ ପାପୀ ଅଟନ୍ତି ଓ କ୍ଷମା ଆବଶ୍ୟକ କରନ୍ତି ।

(୨) ଚାରୋଟି ବିଷୟ ତାଲିକାଭୁକ୍ତ କର ଯାହା ମନପରିବର୍ତ୍ତନ କରି ନ ଥିବା ପ୍ରତ୍ୟେକ ପାପୀ କ୍ଷେତ୍ରରେ ସତ୍ୟ ଅଟେ ।

- ସେ ଅନେକ ପାପ କର୍ମରେ ଦୋଷୀ ।
- ସେ ଈଶ୍ୱରଙ୍କ ଶତ୍ରୁ ।
- ସେ ତା'ର ଅଭିଳାଷରେ ଭ୍ରଷ୍ଟ ।
- ସେ ତା'ର ଅବସ୍ଥା ପରିବର୍ତ୍ତନ କରିବାକୁ ଶକ୍ତିହୀନ ।

(୩) ବିନା ପ୍ରାୟଶ୍ଚିତରେ କ୍ଷମା ଦେବା କାହିଁକି ଈଶ୍ୱରଙ୍କୁ ଅସମ୍ମାନିତ କରିବ?

ଏଥିରୁ ଜଣାପଡ଼ିବ ଯେ ଈଶ୍ୱର ଅନ୍ୟାୟ କରନ୍ତି, ଏବଂ ଅପବିତ୍ର ମଧ୍ୟ ଅଟନ୍ତି ।

(୪) ଯୀଶୁଙ୍କର କେଉଁ ଦୁଇଟି ବିଷୟ ଯୋଗୁଁ ସେ ବଳିଦାନରୂପେ ନିଜକୁ ଉତ୍ସର୍ଗ କରିବା ପାଇଁ ଅନନ୍ୟ ଭାବରେ ଯୋଗ୍ୟ ଅଟନ୍ତି?

- ସେ ପାପଶୂନ୍ୟ ଥିଲେ ।
- ସେ ଉଭୟ ଈଶ୍ୱର ଓ ମନୁଷ୍ୟ ଥିଲେ ।

(୫) ଜଣେ ଅନୁତପ୍ତ ପାପୀର ନିଜ ସମ୍ବନ୍ଧରେ କେଉଁ ଦୃଷ୍ଟିକୋଣ ରହିଥାଏ?

- ସେ ନିଜକୁ ଦୋଷୀ ଓ ଦଣ୍ଡଯୋଗ୍ୟ ଭାବରେ ଦେଖେ ।
- ସେ ନିଜ ପାପରୁ ବିମୁଖ ହେବାକୁ ଇଚ୍ଛା କରେ ।

(୬) ଯଦି ଜଣେ ବ୍ୟକ୍ତିର ଉଦ୍ଧାରକାରୀ ବିଶ୍ୱାସ ରହିଛି, ତେବେ ସେ କ'ଣ ବିଶ୍ୱାସ କରେ?

- ସେ ନିଜକୁ ଧାର୍ମିକ ଗଣିତ କରିବା ପାଇଁ କିଛି କରିପାରିବ ନାହିଁ
- ଖ୍ରୀଷ୍ଟଙ୍କ ବଳିଦାନ ତା'ର ପାପକ୍ଷମା ପାଇଁ ପର୍ଯ୍ୟାପ୍ତ ଅଟେ ।
- ଯୀଶୁ ପାପ ଓ ମୃତ୍ୟୁକୁ ଜୟ କରି ମୃତ୍ୟୁରୁ ପୁନରୁତ୍ଥିତ ହେଲେ ।
- କେବଳ ବିଶ୍ୱାସକୁ ସର୍ତ୍ତ କରି ଈଶ୍ୱର ମନୁଷ୍ୟକୁ କ୍ଷମା କରନ୍ତି ।

(୭) ଜଣେ ବ୍ୟକ୍ତି କିପରି ନିଶ୍ଚିତ ଭାବରେ ଜାଣିପାରିବ ଯେ ସେ ପରିତ୍ରାଣ ପ୍ରାପ୍ତ?

- ପ୍ରକୃତରେ ମନପରିବର୍ତ୍ତନ କରେ ।
- ଧର୍ମଶାସ୍ତ୍ରରେ ଦତ୍ତ ଈଶ୍ୱରଙ୍କ ପ୍ରତିଜ୍ଞାରେ ବିଶ୍ୱାସ କରେ ।
- ଆତ୍ମାଙ୍କର ସାକ୍ଷ୍ୟଗ୍ରହଣ କରେ ।

# ପାଠ-୯

# ପରିତ୍ରାଣ ସମ୍ବନ୍ଧୀୟ ବିଷୟଗୁଡ଼ିକ

(୧) ୧ଯୋହନର ଅନ୍ୟତମ ମୁଖ୍ୟ ପ୍ରସଙ୍ଗ କ'ଣ?

ପରିତ୍ରାଣର ବ୍ୟକ୍ତିଗତ ନିଶ୍ଚିତତା

(୨) ଜଣେ ବିଶ୍ୱାସୀର କେଉଁ ଗୁଣକୁ ୧ଯୋହନରେ ଗୁରୁତ୍ୱ ଦିଆଯାଏ?

ପାପ ଉପରେ ବିଜୟ ।

(୩) ୧କରିନ୍ଥୀୟ ୧୦:୧୩ରୁ ଆମେ କେଉଁ ଚାରୋଟି ବିଷୟ ଜାଣୁ?

- ଆମର ମାନବ ସ୍ୱଭାବ ଯୋଗୁଁ ପ୍ରଲୋଭନ ଆସେ
- ଈଶ୍ୱର ଆମର ସୀମା ଜାଣନ୍ତି
- ଈଶ୍ୱର ଆମ ପାଖକୁ ଆସୁଥିବା ପ୍ରଲୋଭନକୁ ସୀମିତ କରନ୍ତି
- ଆମେ ବିଜୟ ପାଇଁ ଯାହା ଆବଶ୍ୟକ କରୁ ଈଶ୍ୱର ତାହା ଯୋଗାଇଦିଅନ୍ତି

(୪) ଜଣେ ବିଶ୍ୱାସୀ କିପରି ଖ୍ରୀଷ୍ଟଙ୍କଠାରେ ସର୍ବଦା ରହିବେ?

ଖ୍ରୀଷ୍ଟଙ୍କର ଆଜ୍ଞାସବୁ ପାଳନ କରିବା ଦ୍ୱାରା ।

(୫) ଖ୍ରୀଷ୍ଟଙ୍କ ସହିତ ଆମେ କିପରି ଏକ ଉଦ୍ଧାରକାରୀ ସମ୍ପର୍କ ବଜାୟ ରଖିବା?

ଈଶ୍ୱରଙ୍କର ଉପରେ ନିର୍ଭର ରଖି ଓ ତାଙ୍କର ଆଜ୍ଞାକାରୀ ହୋଇ ।

# ପାଠ-୧୦

# ପବିତ୍ର ଆତ୍ମା

(୧) ଆଦ୍ୟ ମଣ୍ଡଳୀ ପବିତ୍ର ଆତ୍ମାଙ୍କ ପ୍ରତି କିପରି ଉତ୍ତର ଦେଇଥିଲେ ତା'ର ତିନୋଟି ବିଶେଷତା ଲେଖ ।

- ପବିତ୍ର ଆତ୍ମାଙ୍କ ଈଶ୍ୱରତ୍ୱକୁ ସେମାନେ ସମ୍ମାନ ଦେଇଥିଲେ ।
- ସେମାନେ ପବିତ୍ର ଆତ୍ମାଙ୍କ ଉପସ୍ଥିତି, ମାର୍ଗଦର୍ଶନ ଓ କାର୍ଯ୍ୟକଳାପ ବିଷୟରେ ସଚେତନ ଥିଲେ ।
- ସେମାନେ ପବିତ୍ର ଆତ୍ମାଙ୍କ ଉପରେ ସେମାନଙ୍କର ନିର୍ଭରଶୀଳତାକୁ ଓ ତାହାଙ୍କୁ ଉତ୍ତର ଦେବା ଯେ ସେମାନଙ୍କର ଦାୟିତ୍ୱ ଏହା ହୃଦୟଙ୍ଗମ କରିଥିଲେ ।

(୨) ପବିତ୍ର ଆତ୍ମା ଯେ ଜଣେ ବ୍ୟକ୍ତି ଅଟନ୍ତି କିପରି ଏହା ତୁମେ ଜାଣ?

ଯେହେତୁ ତାଙ୍କର ମନ, ଇଚ୍ଛା ଓ ଭାବପ୍ରବଣତା ଅଛି ।

(୩) ପବିତ୍ର ଆତ୍ମା ଯେ ଈଶ୍ୱର ଅଟନ୍ତି ଏହାର ପାଞ୍ଚୋଟି କାରଣ ଲେଖ ।

- ସେ ସର୍ବଜ୍ଞ, ସବୁ ଜାଣନ୍ତି
- ସେ ସର୍ବବ୍ୟାପୀ, ସବୁ ସ୍ଥାନରେ ବିଦ୍ୟମାନ
- ସେ ସର୍ବଶକ୍ତିମାନ
- ତାଙ୍କ ବିରୁଦ୍ଧରେ ନିନ୍ଦାକଥା କହିବ ସମ୍ଭବ
- ସେ ଅନନ୍ତ

(୪) ପବିତ୍ର ଆତ୍ମାଙ୍କର ନ'ଟି କାର୍ଯ୍ୟ ଲେଖ (ଯେକୌଣସି ନ'ଟି)

- ସେ ପାପର ବୋଧ ଦିଅନ୍ତି ।
- ସେ ପୁନର୍ଜନ୍ମ ପ୍ରଦାନ କରନ୍ତି, ପାପରେ ମୃତ ବ୍ୟକ୍ତିକି ଜୀବନ ଦିଅନ୍ତି ।
- ସେ ବିଶ୍ୱାସୀକି ବ୍ୟକ୍ତିଗତ ନିଶ୍ଚିତତା ପ୍ରଦାନ କରନ୍ତି ଯେ ସେ ପରିତ୍ରାଣ ପ୍ରାପ୍ତ ଅଟେ ।
- ସେ ପ୍ରତ୍ୟେକ ବିଶ୍ୱାସୀର ଅନ୍ତରରେ ବାସ କରନ୍ତି ।
- ସେ ଈଶ୍ୱରଙ୍କ ସତ୍ୟ ବୁଝିବାକୁ କ୍ଷମତା ପ୍ରଦାନ କରନ୍ତି ।
- ସେ ଲୋକମାନଙ୍କୁ ସ୍ୱତନ୍ତ୍ର ସେବାକାର୍ଯ୍ୟ ପାଇଁ ଆହ୍ୱାନ କରନ୍ତି ଏବଂ ସେବାକାର୍ଯ୍ୟରେ ନିଷ୍ପତ୍ତି ନେବାରେ ମାର୍ଗଦର୍ଶନ କରନ୍ତି ।
- ସେ ବିଶ୍ୱାସୀଙ୍କୁ ପବିତ୍ର କରନ୍ତି, ସେମାନଙ୍କ ହୃଦୟକୁ ସେ ଶୁଚି କରନ୍ତି ଯେପରି କି ସେମାନେ ପବିତ୍ର ହେବେ ।
- ପାପ ଉପରେ ବିଜୟୀ ଜୀବନ ଯାପନ କରିବା ପାଇଁ ସେ ଶକ୍ତି ଦିଅନ୍ତି ।
- ସେ ବିଶ୍ୱାସୀର ଜୀବନରେ ଆତ୍ମିକ ଫଳ ଉତ୍ପାଦନ କରନ୍ତି ।
- ସେ ସେବାକାର୍ଯ୍ୟ ନିମନ୍ତେ ଅନେକ ଆତ୍ମିକ ଦାନ ବିତରଣ କରନ୍ତି ।
- • ସେବାକାର୍ଯ୍ୟ ପାଇଁ ସେ ଶକ୍ତିର ବିଶେଷ ଅଭିଷେକ ପ୍ରଦାନ କରନ୍ତି ।
- • ସେ ବିଶ୍ୱାସୀମାନଙ୍କୁ ଈଶ୍ୱରଙ୍କ ଇଚ୍ଛା ଅନୁଯାୟୀ ପ୍ରାର୍ଥନା କରିବାରେ ସାହାଯ୍ୟ କରନ୍ତି ।
- • ସେ ମଣ୍ଡଳୀରେ ଏକତା ଓ ସହଭାଗିତା ସୃଷ୍ଟି କରନ୍ତି ।

(୫) ଆମମାନଙ୍କ ଜୀବନରେ ତାହାଙ୍କ କାର୍ଯ୍ୟରେ ପବିତ୍ର ଆତ୍ମା କେଉଁ ବିଷୟକୁ ସର୍ବୋଚ୍ଚ ପ୍ରାଥମିକତା ଦିଅନ୍ତି?

ପାପ ଉପରେ ଜୟ ପ୍ରଦାନ କରିବା ଓ ଆମ ହୃଦୟସବୁକୁ ଶୁଦ୍ଧ କରିବା

# ପାଠ-୧୧

# ଖ୍ରୀଷ୍ଟୀୟ ପବିତ୍ରତା

(୧) ପବିତ୍ରତାର ମୂଳ ଅର୍ଥ କ'ଣ?

ଏକ ଉଦ୍ଦେଶ୍ୟରେ ପୃଥକୀକୃତ ହେବା ବା ଉତ୍ସର୍ଗୀକୃତ ହେବା ।

(୨) ଈଶ୍ୱର ପବିତ୍ର ଅଟନ୍ତି, ଏହାର ଅର୍ଥ କ'ଣ?

ଏହାର ଅର୍ଥ ଈଶ୍ୱରଙ୍କ ବ୍ୟକ୍ତିତ୍ୱ ଓ ପଦ ଦୃଷ୍ଟିରୁ ଯେ କୌଣସି ପାପପୂର୍ଣ୍ଣ, ଅଶୁଚି, ସାଧାରଣ, ସାମାନ୍ୟ ବା ଅନୁପଯୁକ୍ତ ବିଷୟଠାରୁ ସେ ପୃଥକୀକୃତ ଅଟନ୍ତି

(୩) ଉପାସନା ନିମନ୍ତେ ପବିତ୍ରତା କାହିଁକି ଗୁରୁତ୍ୱପୂର୍ଣ୍ଣ?

- ଆମେ ଈଶ୍ୱରଙ୍କୁ ପ୍ରେମ କରୁ ଓ ତାଙ୍କ ପରି ହେବାକୁ ଚାହୁଁ
- ଆମେ ଈଶ୍ୱରଙ୍କୁ ପ୍ରେମ କରୁ ଓ ତାଙ୍କୁ ସନ୍ତୁଷ୍ଟ କରିବାକୁ ଚାହୁଁ

(୪) ଖ୍ରୀଷ୍ଟୀୟ ପବିତ୍ରତା କେତେବେଳେ ଆରମ୍ଭ ହୋଇଥାଏ?

ଯେତେବେଳେ ଜଣେ ବ୍ୟକ୍ତି ପରିତ୍ରାଣ ପାଏ ।

(୫) ଜ୍ୟୋତିରେ ଆଚରଣ କରିବାର ଅର୍ଥ କ'ଣ?

ଈଶ୍ୱରଙ୍କ ଆଜ୍ଞାକାରୀ ହେବା ଓ କ୍ରମାଗତଭାବେ ତାହାଙ୍କ ସତ୍ୟ ବିଷୟରେ ଅଧିକ ଜାଣିବା

(୬) ବିଶ୍ୱାସୀର ଜୀବନବ୍ୟାପୀ ପବିତ୍ରୀକରଣ ପ୍ରକ୍ରିୟାରେ ତା' ପ୍ରତି କ'ଣ ଘଟେ?

ବିଶ୍ୱାସୀ ପାପ ଓ ଜଗତରୁ ଅଧିକ ପୃଥକ୍ ହୁଏ ଏବଂ ଈଶ୍ୱରଙ୍କ ପ୍ରତି ଅଧିକ ଉତ୍ସର୍ଗୀକୃତ ହୁଏ ।

(୭) ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥା କ'ଣ?

ଏହା ଜଣେ ବ୍ୟକ୍ତିର ନୈତିକ ସ୍ୱଭାବର ଭ୍ରଷ୍ଟତା ଅଟେ ଯାହା ତାକୁ ଜନ୍ମରୁ ପାପ ଆଡ଼କୁ ଆକର୍ଷିତ କରିଥାଏ ।

(୮) ଜଣେ ବିଶ୍ୱାସୀ କିପରି ପ୍ରଭୁଙ୍କ ଆଗମନ ନିମନ୍ତେ ଆତ୍ମା, ପ୍ରାଣ, ଶରୀରରେ ନିର୍ଦ୍ଦୋଷରୂପେ ରକ୍ଷିତ ହେବ?

ସମ୍ପୂର୍ଣ୍ଣରୂପେ ପବିତ୍ରୀକୃତ ହେବା ଦ୍ୱାରା ।

# ପାଠ-୧୨

## ମଣ୍ଡଳୀ

(୧) ମଣ୍ଡଳୀ ଯୁଗ କେବେ ଆରମ୍ଭ ହୋଇଥିଲା?

ପେଣ୍ଟିକଷ୍ଟ ଦିବସରେ

(୨) ମଣ୍ଡଳୀକୁ କାହିଁକି ପ୍ରେରିତିକ କୁହାଯାଇପାରେ?

କାରଣ ପ୍ରେରିତମାନଙ୍କ ଶିକ୍ଷାସମୂହ ହିଁ ମଣ୍ଡଳୀର ମୂଳ ଶିକ୍ଷା ଅଟେ ।

(୩) ମଣ୍ଡଳୀ ଉତ୍ପତ୍ତିର ଚାରୋଟି ଦିଗ କ'ଣ?

- ଯୀଶୁଙ୍କ ସେବାକାର୍ଯ୍ୟରୁ
- ଖ୍ରୀଷ୍ଟ ପ୍ରଦତ୍ତ ପରିତ୍ରାଣରେ
- ପେଣ୍ଟିକଷ୍ଟ ଦିନରେ ଘଟିଥିବା ଘଟଣାରୁ
- ପ୍ରେରିତିକ ଶିକ୍ଷାର ବିକାଶ ହେବା ଦ୍ୱାରା

(୪) ସାର୍ବଜନୀନ ମଣ୍ଡଳୀ କ'ଣ?

ଏହା ସବୁ ସମୟ ଓ ସବୁ ସ୍ଥାନର ବିଶ୍ୱାସୀମାନଙ୍କ ସମାହାର

(୫) ସ୍ଥାନୀୟ ମଣ୍ଡଳୀ କ'ଣ?

ଏହା ଗୋଟିଏ ସ୍ଥାନର ବିଶ୍ୱାସୀମାନଙ୍କର ଏକ ଗୋଷ୍ଠୀ ବା ସମ୍ପ୍ରଦାୟ ଅଟେ ଯେଉଁମାନେ ଏକତ୍ର ଖ୍ରୀଷ୍ଟଙ୍କ ଶରୀରର କାର୍ଯ୍ୟ କରନ୍ତି ।

(୬) "କ୍ୟାଥୋଲିକ ମଣ୍ଡଳୀ"ର ଅର୍ଥ ମୂଳତଃ କ'ଣ ଥିଲା?

ଏହା ବିଶ୍ୱବ୍ୟାପୀ ବା ସାର୍ବଜନୀନ ମଣ୍ଡଳୀ ଯହିଁରେ ସମସ୍ତ ଖ୍ରୀଷ୍ଟିୟାନ ଅନ୍ତର୍ଭୁକ୍ତ

(୭) ସାର୍ବଜନୀନ ମଣ୍ଡଳୀର ଏକତା କେଉଁ ଦୁଇଟି ବିଷୟ ଉପରେ ନିର୍ଭର କରେ?

- ପ୍ରେରିତମାନଙ୍କ ଶିକ୍ଷା ଉପରେ
- ଖ୍ରୀଷ୍ଟଙ୍କ ସହିତ ଏକ ପରିବର୍ତ୍ତନକାରୀ ସମ୍ପର୍କ ଉପରେ

(୮) ସ୍ଥାନୀୟ ମଣ୍ଡଳୀ ଯେଉଁସବୁ ଶିକ୍ଷା ଅନୁସରଣ କରନ୍ତି ତା'ର ଏକ ଲିଖିତ ବିବୃତ୍ତି ରଖିବା କାହିଁକି ଉତ୍ତମ?

ଏହା ଦର୍ଶାଏ କେଉଁସବୁ ଶିକ୍ଷା ସେହି ବିଶ୍ୱାସୀ ଗୋଷ୍ଠୀକୁ, ଘନିଷ୍ଠ ଓ ନିୟମିତ ଉପାସନା ଓ ସେବାକାର୍ଯ୍ୟ କରିବା ପାଇଁ ଏକତ୍ର କରେ ।

(୯) ସ୍ଥାନୀୟ ମଣ୍ଡଳୀର ଛ'ଟି ଉଦ୍ଦେଶ୍ୟ ଲେଖ (ଯେ କୌଣସି ଛ'ଟିର)

- ପ୍ରଚାର କାର୍ଯ୍ୟ କରିବା
- ଏକ ମଣ୍ଡଳୀ ଭାବରେ ଉପାସନା କରିବା
- ଖ୍ରୀଷ୍ଟୀୟ ଶିକ୍ଷା ଧରି ରଖିବା
- ପାଳକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା
- ମିଶନାରୀମାନଙ୍କୁ ପ୍ରେରଣ କରିବ ଓ ସମସ୍ତ ପ୍ରକାର ସାହାଯ୍ୟ ସମର୍ଥନ ପ୍ରଦାନ କରିବ
- ପାପରେ ପତିତ ସଦସ୍ୟମାନଙ୍କ ପ୍ରତି  ସମସ୍ତ ପ୍ରକାର ସାହାଯ୍ୟ ସମର୍ଥନ ଦେବା  ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା
- ଅଭାବଗ୍ରସ୍ତ ସଦସ୍ୟମାନଙ୍କୁ ସାହାଯ୍ୟ କରିବା
- ପରିପକ୍ୱ ହେବା ପାଇଁ ବିଶ୍ୱାସୀମାନଙ୍କୁ  ଶିଷ୍ୟରୂପେ ଗଠନ କରିବା
- ବାପ୍ତିସ୍ମ ଦେବା ଓ ପ୍ରଭୁଭୋଜ ପାଳନ କରିବା
- ସମ୍ପ୍ରଦାୟର ଆବଶ୍ୟକତାସବୁ ପୂରଣ କରିବା

# ପାଠ-୧୩

# ଅନନ୍ତ ଭାଗ୍ୟ

(୧) ସ୍ୱର୍ଗର ପ୍ରାଥମିକ କାର୍ଯ୍ୟକଳାପ କ'ଣ?

ଉପାସନା

(୨) କେଉଁ ଚାରୋଟି ବିଷୟ ସ୍ୱର୍ଗରେ ଦେଖିବାକୁ ମିଳିବ ନାହିଁ? (ଚାରୋଟି ଲେଖ)

- ପାପ
- ଯନ୍ତ୍ରଣା
- ଦୁଃଖ
- ଦ୍ୱନ୍ଦ୍ୱ
- ବିପଦ
- ରୋଗ
- ବାର୍ଦ୍ଧକ୍ୟ
- ମୃତ୍ୟୁ

(୩) କିଏ ସ୍ୱର୍ଗକୁ ଯିବ?

ଯେଉଁମାନେ ପାପରୁ ମନପରିବର୍ତ୍ତନ କରନ୍ତି ଓ ଯୀଶୁଖ୍ରୀଷ୍ଟଙ୍କୁ ତ୍ରାଣକର୍ତ୍ତା ଓ ପ୍ରଭୁ ଭାବରେ ବିଶ୍ୱାସ କରନ୍ତି ।

(୪) ବିଶ୍ୱାସୀମାନେ କେବେ ସ୍ୱର୍ଗକୁ ଯାଆନ୍ତି?

ମୃତ୍ୟୁ ସମୟରେ କିମ୍ବା ଯୀଶୁଙ୍କ ପୁନର୍ଆଗମନ ସମୟରେ

(୫) ନରକ ବିଷୟରେ ବାଇବଲ କେଉଁ ତିନୋଟି ବିଷୟ ଆମକୁ କହେ?

- ଅନନ୍ତକାଳୀନ
- ଅପ୍ରତ୍ୟାବର୍ତ୍ତୀ
- ଯନ୍ତ୍ରଣାଦାୟକ

(୬) ତୁମର ଦକ୍ଷିଣ ହସ୍ତ କାଟିପକାଅ, ଯୀଶୁ କେଉଁ ଅର୍ଥରେ ଏହା କହିଥିଲେ ?

ପୃଥିବୀରେ ଯେତେ ମୂଲ୍ୟବାନ ମନେ ହେଲେ ସୁଦ୍ଧା ଆମକୁ ପାପ ଓ ନରକକୁ ନେଇପାରୁଥିବା କୌଣସି କାର୍ଯ୍ୟ କଳାପ ନ କରିବା ଉଚିତ ।

(୭) ନରକ ଯେ ଅନନ୍ତକାଳୀନ ଏହାର ତିନୋଟି କାରଣ ଲେଖ ।

- ପାପ ଏକ ଅସୀମ ଈଶ୍ୱରଙ୍କ ବିରୁଦ୍ଧରେ ଏକ ଅପରାଧ ଅଟେ ।
- ପାପୀମାନେ ଈଶ୍ୱରଙ୍କ ପ୍ରତି ଥିବା ସେମାନଙ୍କ ଅନନ୍ତକାଳୀନ ସେବାକୁ ଅସ୍ୱୀକାର କରନ୍ତି ।
- ଆମେ ଅନନ୍ତକାଳୀନ ପ୍ରାଣୀ ଅଟୁ ଏବଂ ଯଦି ଆମେ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ହେବାକୁ ମନସ୍ଥ କରୁ ତେବେ ବି ଅନ୍ୟତ୍ର ଯିବା ପାଇଁ ଆମକୁ ସ୍ଥାନ ମିଳିବ ନାହିଁ ।

# ପାଠ-୧୪

## ଅନ୍ତିମ ଘଟଣାବଳୀ

(୧) ଅନ୍ତିମ ଘଟଣାବଳୀ ବିଷୟର ବାଇବଲ ଭବିଷ୍ୟବାଣୀରେ ପ୍ରକଶିତ ଚାରୋଟି ଆବଶ୍ୟକ ସତ୍ୟ କ'ଣ?

- ଯୀଶୁଙ୍କ ଶାରୀରିକ ପ୍ରତ୍ୟାବର୍ତ୍ତନ
- ସମସ୍ତ ଲୋକଙ୍କର ଶାରୀରିକ ପୁନରୁତ୍ଥାନ
- ବିଚାର
- ଈଶ୍ୱରଙ୍କର ଅନନ୍ତ ରାଜ୍ୟ

(୨) ଯୀଶୁଙ୍କ ପୁନରାଗମନ ହେଲେ ଖ୍ରୀଷ୍ଟିୟାନମାନଙ୍କ ପ୍ରତି କ'ଣ ଘଟିବ?

- ଯେଉଁମାନେ ମୃତ୍ୟୁଭୋଗ କରିଛନ୍ତି ସେମାନେ ପୁନରୁତ୍ଥିତ ହେବେ
- ସମସ୍ତ ଖ୍ରୀଷ୍ଟିୟାନମାନେ ପ୍ରଭୁଙ୍କୁ ଭେଟିବାକୁ ଉଠିବେ ।

(୩) ଖ୍ରୀଷ୍ଟଙ୍କ ଆଗମନ ପାଇଁ ଆମେ କିପରି ଅପେକ୍ଷା କରିବାକୁ ହେବ?

- ଅନନ୍ତକାଳୀନ ବିଷୟସବୁକୁ ପ୍ରାଥମିକତା ହେବା
- ପବିତ୍ର ଜୀବନ ଯାପନ କରିବା
- ପ୍ରାର୍ଥନାରେ ଆତ୍ମିକ ଭାବରେ ଜାଗି ରହିବା

(୪) ପୁନରୁତ୍ଥାନ ତତ୍ତ୍ୱ କାହିଁକି ଆବଶ୍ୟକ?

- ଯୀଶୁ ମୃତ୍ୟୁରୁ ପୁନରୁତ୍ଥିତ ହେଲେ
- ସମସ୍ତ ଲୋକ ଉତ୍ଥିତ ହେବେ
- ଶରୀରର ଅନନ୍ତକାଳୀନ ମୂଲ୍ୟ ରହିଛି
- ସୁସମାଚାର ସତ୍ୟ ଅଟେ

(୫) କେଉଁ ଚାରୋଟି ବିଷୟ ବୁଝିବା ପାଇଁ ଆମେ ବିଚାର ବିଷୟରେ ଜାଣିବା ଜରୁରୀ ଅଟେ?

- ପାପର ଗୁରୁତ୍ୱ
- ଈଶ୍ୱରଙ୍କ ପ୍ରତି ଆମର ଉତ୍ତରଦାୟିତ୍ୱ
- ଆମର ପସନ୍ଦଗୁଡ଼ିକର ଗୁରୁତ୍ୱ
- ସମସ୍ତ ପାପର ସମାପ୍ତି

# ପାଠ-୧୫

# ପୁରାତନ ବିଶ୍ୱାସମତସମୂହ

(୧) ବିଶ୍ୱାସମତ ବା ମକ୍ସରରୟ କ'ଣ?

ଅତ୍ୟାବଶ୍ୟକ ଖ୍ରୀଷ୍ଟୀୟ ବିଶ୍ୱାସସତ୍ୟର ଏକ ସାରାଂଶ

(୨) ଯୀଶୁଙ୍କ ସମ୍ବନ୍ଧୀୟ ପ୍ରଥମ ଶିକ୍ଷା ସମ୍ବନ୍ଧିତ ବିବୃତିର ଦୁଇଟି ବିଷୟ ଲେଖ

- ଯୀଶୁ ପ୍ରଭୁ ଅଟନ୍ତି
- ପ୍ରଭୁ ଯୀଶୁ ଖ୍ରୀଷ୍ଟ

(୩) ଧର୍ମଶାସ୍ତ୍ରର କେଉଁଠାରେ ପ୍ରଥମ ବିଶ୍ୱାସମତ ରହିଛି ଯହିଁରେ ଅନେକ ବିକୃତି ରହିଛି । ସମ୍ବନ୍ଧ ଉଲ୍ଲେଖ ଲେଖ ।

୧ ତୀମଥି ୩:୧୬

(୪) ପ୍ରେରିତିକ ବିଶ୍ୱାସମତର ଉଦ୍ଦେଶ୍ୟ କ'ଣ ଥିଲା?

ପ୍ରେରିତମାନଙ୍କ ଶିକ୍ଷାକୁ ପ୍ରକାଶ କରିବା ।

(୫) ନାଇସିନ୍ ବିଶ୍ୱାସମତର ଉଦ୍ଦେଶ୍ୟ କ'ଣ ଥିଲା?

ଖ୍ରୀଷ୍ଟ ଓ ପବିତ୍ର ଆତ୍ମାଙ୍କ ଈଶ୍ୱରତ୍ୱ ସମ୍ବନ୍ଧୀୟ ଶିକ୍ଷାକୁ ସୁରକ୍ଷା ଦେବା

(୬) କାଲ୍ସେଡ଼ୋନିଆନ୍ ବିଶ୍ୱାସମତର ଉଦ୍ଦେଶ୍ୟ କ'ଣ ଥିଲା?

ଖ୍ରୀ ଖ୍ରୀଷ୍ଟଙ୍କ ମାନବାବତାର ଶିକ୍ଷାକୁ ସୁରକ୍ଷା ଦେବା ।